# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 October – 2025**

---

# ସାଇବର ସୁରକ୍ଷା ସଚେତନତା

ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ସମ୍ପର୍କରେ ଚଳିତମାସ ୧୮ରୁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଆସନ୍ତା ଅକ୍ଟୋବର ୧୮ରୁ କଳିଙ୍ଗ ଷ୍ଟାଡିୟମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ରଥର ଶୁଭାରମ୍ଭ କରିବେ ।

# ନୂଆପଡା – ଉପନିର୍ବାଚନ

ନୂଆପଡା ଉପନିର୍ବାଚନ ପାଇଁ ବିଜେପି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସେ ପ୍ରାର୍ଥୀପତ୍ର ଦାଖଲ କରିବେ । କଂଗ୍ରେସ ପକ୍ଷରୁ ପୂର୍ବରୁ ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିବାବେଳେ ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି ।

# ମୁଖ୍ୟମନ୍ତ୍ରୀ-ସମାଜ

ସମୃଦ୍ଧ ଓଡ଼ିଶା ଗଠନର ଯାତ୍ରାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି ଦୈନିକ ସମ୍ବାଦପତ୍ର ସମାଜର ୧୦୬ତମ ସ୍ୱନକ୍ଷତ୍ର ପକ୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଗଣମାଧ୍ୟମ ଏବଂ ସରକାରଙ୍କ ଲକ୍ଷ୍ୟ ହେଉଛି ଜନକଲ୍ୟାଣ ଓ ସମାଜ କଲ୍ୟାଣ । ଉଭୟଙ୍କର କାର୍ଯ୍ୟପ୍ରଣାଳୀ ଅଲଗା ହେଲେ ମଧ୍ୟ ଗୋଟିଏ ଉଦ୍ଦେଶ୍ୟନେଇ ଉଭୟ କାର୍ଯ୍ୟ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି...

**V/O**

# ଇକୋ ରିଟ୍ରିଟ

ଚଳିତବର୍ଷ ଇକୋ ରିଟ୍ରିଟ ଆସନ୍ତା ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବ । କୋଣାର୍କ ମେରାଇନ ଡ୍ରାଇଭ୍‌ଠାରେ ଆରମ୍ଭ ହେବାକୁ ଥିବା ଇକୋ ରିଟ୍ରିଟ ପାଇଁ ପୁରୀ ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଓ ଇ-ଫ୍ୟାକ୍ଟର ଏଜେନ୍ସୀର ମିଳିତ ସହଯୋଗରେ ୯୦ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବୈଠକରେ ଜଳକ୍ରୀଡ଼ା, ବିଚ୍‌ସ୍ପୋର୍ଟ୍‌ସ, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା କରାଯିବା ସହ ନୀରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ

ଆଲୋକୀକରଣ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

## ବିଶ୍ୱ ଖାଦ୍ୟ ଦିବସ

ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତ୍ୟେକ ବର୍ଷ ଆଜିର ଦିନରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି । କ୍ଷୁଧା ନିବାରଣକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ନିଆଯାଉଥିବା ଅନେକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଉଦ୍ଦେଶ୍ୟ । ଚଳିତବର୍ଷର ବାର୍ତ୍ତା ରହିଛି 'ଉତ୍ତମ ଖାଦ୍ୟ ଏବଂ ଉନ୍ନତ ଭବିଷ୍ୟତ ପାଇଁ ସହଯୋଗର ହାତ ବଢ଼ାଇବା' । ୧୯୪୫ ମସିହା ଆଜିର ଦିନରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଖାଦ୍ୟ ନିରାପତ୍ତା ସହ କୃଷି କ୍ଷେତ୍ରରେ ନିରନ୍ତର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି ।  ୨୦୩୦ ମସିହା ସୁଦ୍ଧା ବିଶ୍ୱରେ କେହି ଯେଭଳି କ୍ଷୁଧାରେ ନରହିବେ ସେହି ଲକ୍ଷ୍ୟ ପୂରଣ ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ।

## ବକେୟା ଟଙ୍କା ପ୍ରଦାନ

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅନ୍ତର୍ଗତ ଗ୍ରାମୀଣ ଗୃହନିର୍ମାଣ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଖୁବ୍‌ଶୀଘ୍ର ବକେୟା ଦରମା ପ୍ରଦାନ କରାଯିବ । ପ୍ରାୟ ୭୦୦ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ । ରାଜ୍ୟସରକାରଙ୍କ

ହସ୍ତକ୍ଷେପ ଯୋଗୁଁ କେନ୍ଦ୍ର ସରକାର ୨୨୫ କୋଟି ବକେୟା ଟଙ୍କା ଦେବା ନେଇ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିବା ଜଣାପଡିଛି ।

## ବିଧାନସଭା ଭିଜିଟ୍

ହରିୟାଣା ବିଧାନସଭାର ଏକ ୧୧ଜଣିଆ ପ୍ରତିନିଧିମଣ୍ଡଳୀ ଓଡ଼ିଶା ଗସ୍ତରେ ଆସି ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଯୋଗ ଦେଇଛନ୍ତି । ହରିୟାଣା ବିଧାନସଭାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା କମିଟି ଅଧ୍ୟକ୍ଷ ରାମକୁମାର କାଶ୍ୟପଙ୍କ ନେତୃତ୍ୱରେ ଆସିଥିବା ଏହି ଦଳ ହରିୟାଣା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶାର ସଦସ୍ୟମାନେ ମଧ୍ୟ ରାଜ୍ୟ ସରକାରଙ୍କ ଅଭିନବ ଶିକ୍ଷା ଯୋଜନା ସମ୍ପର୍କରେ ସେମାନଙ୍କୁ ଅବଗତ କରିଥିଲେ ।

## ଧଳାବାଡ଼ି ଦିବସ

ନୟାଗଡ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରତିଷ୍ଠିତ ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର ଦ୍ୱାରା ବିଶ୍ୱ ଧଳାବାଡି ଦିବସ ଆୟୋଜିତ ହୋଇଯାଇଛି । ଏଥିରେ ୧୫ଜଣ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଧଳାବାଡି ବଣ୍ଟନ କରାଯାଇଛି ।

# ପୁଲିସ ବୃତ୍ତିଗତ ପ୍ରତିଯୋଗିତା

ଓଡ଼ିଶା ପୁଲିସର କ୍ରାଇମ୍‌ବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ଆଜିଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ଏବଂ ପ୍ରତିଷ୍ଠାନରୁ ୨୪୩ଜଣ ପୁଲିସ କର୍ମଚାରୀ, ୪୩ଟି ପୁଲିସ କୁକୁର ଓ ହ୍ୟାଣ୍ଡଲର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଥିରେ ଯେଉଁମାନେ କୃତୀତ୍ୱ ଅର୍ଜନ କରିବେ ସେମାନେ ଆସନ୍ତା ନଭେମ୍ବର ମାସରେ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

# ଟେବୁଲ ଟେନିସ-ରାଜ୍ୟପାଳ

କ୍ରୀଡ଼ାରେ ପ୍ରକୃତ ବିଜୟ କେବଳ ପଦକ ଜିତିବାରେ ନୁହେଁ ବରଂ ନିଜର ସର୍ବୋତ୍ତମ ପ୍ରଦର୍ଶନ, ପ୍ରତିପକ୍ଷଙ୍କୁ ସମ୍ମାନ ଏବଂ କ୍ରୀଡ଼ା ମନୋଭାବ ମାଧ୍ୟମରେ ପ୍ରେରଣା ଦେବାରେ ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଗତ ସଂଧ୍ୟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୮ତମ ଆଇଟିଟିଏଫ୍- ଏଟିଟିୟୁ-ଏସୀୟ ଟେବୁଲ ଟେନିସ୍ ଟିମ୍ ଚମ୍ପିୟନସିପ୍‌ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ କମ୍ଭମପାଟି ଏହା କହିଛନ୍ତି ।